# ମିନିଗଳ୍ପର ସ୍ୱରୂପ ବିଚାର ଓ ଓଡ଼ିଆ ଗଳ୍ପରେ ତାର ପ୍ରଭାବ

ଡକ୍ଟର ଶ୍ରୀକାନ୍ତ କୁମାର ବାରିକ[1] & ଆଲୋକ ରଞ୍ଜନ ଷଡ଼ଙ୍ଗୀ[2]

**ସାରାଂଶ :**

ଓଡ଼ିଆ ସାହିତ୍ୟରେ ମିନିସାହିତ୍ୟ ଏକ ଉଲ୍ଲେଖନୀୟ ପରୀକ୍ଷାମୂଳକ ଧାରା ଯାହା କ୍ଷୁଦ୍ର ଆୟତନ ଓ ସଂକ୍ଷିପ୍ତ ପରିସର ଭିତରେ ଗଭୀର ସମ୍ବେଦନା, ଜୀବନବୋଧ ଏବଂ ସମାଜ ଚେତନାର ପ୍ରକାଶ ଘଟାଇଥାଏ । ବିଂଶ ଶତାବ୍ଦୀର ସପ୍ତମ ଦଶକରେ (୧୯୭୦-୭୧) ଓଡ଼ିଶାରେ ମିନିପତ୍ରିକା ଆନ୍ଦୋଳନ ମାଧ୍ୟମରେ ଏହି ଧାରାର ଉନ୍ମେଷ ଘଟିଥିଲା । ପ୍ରକାଶନ ଅସୁବିଧା, ଆତ୍ମପ୍ରତିଷ୍ଠା, ବଙ୍ଗଳା ସାହିତ୍ୟର ପ୍ରଭାବ ଏବଂ ପାଶ୍ଚାତ୍ୟ ସାହିତ୍ୟାଦର୍ଶ ଏହି ଆନ୍ଦୋଳନର ମୂଳ କାରଣ ଥିଲା । ଏହି ପ୍ରବନ୍ଧରେ ମିନିପତ୍ରିକାର ଉତ୍ଥାନ, ପ୍ରଧାନ ମିନିପତ୍ରିକାଗୁଡ଼ିକର ତାଲିକା, 'ମିନିଗଳ୍ପ' ଶବ୍ଦର ଅର୍ଥ ନିର୍ଣ୍ଣୟ ('ଅଣୁଗଳ୍ପ' ବନାମ୍ 'କୁନିଗଳ୍ପ'), ମିନିଗଳ୍ପର ସଂଜ୍ଞା, ସ୍ୱରୂପ ଓ ବିଶେଷତ୍ୱ ବିସ୍ତୃତ ଭାବେ ଆଲୋଚନା କରାଯାଇଛି । ମିନିଗଳ୍ପର କ୍ଷୁଦ୍ର ଆକାର, ତୀବ୍ର ଇଙ୍ଗିତଧର୍ମ, କାବ୍ୟିକ ଭାଷା, ଆତ୍ମାନୁଶୀଳନ, ସମାଜ ବିଦ୍ରୋହ ଏବଂ ଆକସ୍ମିକ ଆରମ୍ଭ-ସମାପ୍ତି ଏହାର ମୂଳ ବୈଶିଷ୍ଟ୍ୟ ବୋଲି ଚର୍ଚ୍ଚା କରାଯାଇଛି ।ଏହା ସହିତ କୃଷ୍ଣପ୍ରସାଦ ମିଶ୍ର, ଅଧ୍ୟାପକ ବିଶ୍ୱରଞ୍ଜନ, ପ୍ରକାଶ ପରିଡ଼ା, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ରବି ପଟ୍ଟନାୟକ ପ୍ରମୁଖ ଗାଳ୍ପିକଙ୍କ ରଚନା ଓ ଉଦାହରଣ ମାଧ୍ୟମରେ ଓଡ଼ିଆ ମିନିଗଳ୍ପର ପରମ୍ପରା ଓ ବିକାଶ ବିଶ୍ଳେଷଣ କରାଯାଇଛି । ସମସାମୟିକ ପ୍ରାସଙ୍ଗିକତା ଏବଂ ଭବିଷ୍ୟତ ସମ୍ଭାବନା ମଧ୍ୟ ଏହି ପ୍ରବନ୍ଧର ଅନ୍ତର୍ଭୁକ୍ତ ।

Keyword: ମିନିଗଳ୍ପ, ମିନିପତ୍ରିକା ଆନ୍ଦୋଳନ, ଓଡ଼ିଆ କ୍ଷୁଦ୍ରଗଳ୍ପ, ଅଣୁଗଳ୍ପ, ଆଙ୍ଗିକ, ପ୍ରତୀକ, ଚିତ୍ରକଳ୍ପ ।

**ପ୍ରାକ୍-କଥନୀ :**

ଆକରରେ କ୍ଷୁଦ୍ର ଅଥଚ ଆବେଦନରେ ବିଶାଳତାର ଅନୁଭବକୁ ଉପଲବ୍ଧି କରାଇବାକୁ ଯାଇ ମିନିସାହିତ୍ୟର ସୃଷ୍ଟି । ଏହି ସାହିତ୍ୟର ସଂକ୍ଷିପ୍ତ ପରିସର ଭିତରେ ସମ୍ବେଦନାର ତୀବ୍ରତା ଦେଖିବାକୁ ମିଳିଥାଏ । ମିନିସାହିତ୍ୟ ହୃଦୟରୁ ନିଷ୍ପନ୍ନ ହୋଇ ମସ୍ତିଷ୍କକୁ ଗଭୀର ରେଖାପାତ କରେ । ଓଡ଼ିଶାରେ 'ମିନିସାହିତ୍ୟ ଆନ୍ଦୋଳନ'ର ଉନ୍ମେଷ ଘଟିଥିଲା ଉନବିଂଶ ଶତାବ୍ଦୀର ସପ୍ତମ ଦଶକରେ । ଏହି ସମୟରେ ଏକାଧିକ ମିନିପତ୍ରିକାର ସଂପାଦିତ ହୋଇ ପ୍ରକାଶ ପାଇଥିଲା ଓ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସଫଳ ମଧ୍ୟ ହୋଇଥିଲା । ସ୍ତମ୍ଭକାର ସୁରେନ୍ଦ୍ର ମହାନ୍ତି ମିନି ପତ୍ରିକାକୁ ନେଇ କଳିଙ୍ଗ ଖବର କାଗଜରେ ପ୍ରକାଶିତ 'ଲିଟିଲ ମାଗାଜିନ' ସ୍ତମ୍ଭରେ ନିଜର ମନ୍ତବ୍ୟ ପ୍ରକାଶ କରିଥିଲେ - "ପ୍ରକୃତିର ସୃଷ୍ଟି ଲୀଳା ବହୁ ଅପଚୟ ମଧ୍ୟରେ । ସାହତ୍ୟରେ ସଷ୍ଟିର ପ୍ରଖରତା ପାଇଁ ଭାଷା ଓ ଚିତ୍ରାଙ୍କନ ପାଇଁ ବର୍ଣ୍ଣର ବ୍ୟବହାରରେ କାର୍ପଣ୍ୟ ବା ମିତବ୍ୟୟିତା ପ୍ରୟୋଜନ ନିଶ୍ଚିତ । କିନ୍ତୁ କାର୍ପଣ୍ୟ ମଧ୍ୟରେ ସୃଷ୍ଟି କର୍ମ ସମ୍ଭବ ନୁହେଁ । ଗଙ୍ଗ ଶିଉଳୀରୁ ମୁଠାଏ ଝଡ଼ି ପଡ଼ିଲେ କଣ ଚଳନ୍ତା ନାହିଁ ? କିନ୍ତୁ ଗଙ୍ଗଶିଉଳୀର ଯଥାର୍ଥ ଶୋଭା, ରାଶି ରାଶି ଅସୁମାରି ତଳେ ଝଡ଼ି ପଡିବାରେ । ଶରତର ଆକାଶ ପାଇଁ ଭେଳା ଭେଳା ଏତେ ମେଘରେ ବା କି ପ୍ରୟୋଜନ ଅଛି ?

[1] *ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ସରକାରୀ ମହାବିଦ୍ୟାଳୟ, ବଲାଙ୍ଗିର*

[2] *ଅଧ୍ୟାପକ, ବାଜିରାଉତ ସ୍ମୃତି ମହାବିଦ୍ୟାଳୟ*

ଜଳଭାରହୀନ ଖଣ୍ଡେ ଉଦାସୀ ମେଘ, ଶରତର ବ୍ୟଞ୍ଜନା ପାଇଁ ଯଥେଷ୍ଟ । ପୁଣି ସୂର୍ଯ୍ୟାସ୍ତ ପାଇଁ ଚେନାଏ ନାଲିଆ ଆକାଶ କଣ ଯଥେଷ୍ଟ ନୁହେଁ ? ସେଠାରେ ବର୍ଣ୍ଣର ଏରେ ଅପଚୟ କାହିଁକି ? ପାରିପାର୍ଶ୍ୱିକ ପ୍ରକୃତିର ସୃଷ୍ଟି ବିଳାସ ମଧ୍ୟରେ ଏହିପରି ବହୁ ଉଦାହରଣ ଖୋଜିଲେ ମିଳିବ । 'ଲିଟିଲ୍ ମାଗାଜିମ୍" ସବୁ ସେହପରି ଏକ ସାହିତ୍ୟିକ ଅପଚୟ ।" (୧)

ଓଡ଼ିଆ ମିନି-ପତ୍ରିକା ସମ୍ବନ୍ଧୀୟ ଆଲୋଚନା ସମୟରେ ୧୯୭୨ ମସିହା ନଭେମ୍ବର ନବରବି ପତ୍ରିକାରେ ଦୁର୍ଗାପ୍ରସନ୍ନ ପଣ୍ଡାଙ୍କ ପ୍ରକାଶିତ ' ଓଡ଼ିଆ ମିନିପତ୍ରିକା' ଆଲୋଚନା ଆମକୁ ବାଟ ଦେଖାଇଥାଏ । ଆଲୋଚନାଟିରେ ଆଲୋଚକ ଶ୍ରୀଯୁକ୍ତ ପଣ୍ଡା ମିନି ପତ୍ରିକା ସୃଷ୍ଟିର କାରଣ , ଓଡ଼ିଶାରେ ମିନିପତ୍ରିକାର ଉନ୍ମେଷ, ମିନି ପତ୍ରିକାର ମୂଲ୍ୟାଙ୍କନ କରିଛନ୍ତି । ମିନି ପତ୍ରିକାର ସୃଷ୍ଟି ମୂଳରେ ରହିଥିବା ଚାରୋଟି କାରଣ ସମ୍ପର୍କରେ ଚର୍ଚ୍ଚା କରଯାଇଛି । ୧-ପ୍ରକାଶିତ ପତ୍ର-ପତ୍ରିକାରେ ସ୍ଥାନ ପାଇବାରୁ ବଞ୍ଚିତ ହେଉଥିବା ଲେଖକଗଣଙ୍କ ଅସନ୍ତୋଷର ଫଳସ୍ୱରୂପ ମିନିପତ୍ରିକାର ସୃଷ୍ଟି ହୋଇଛି । , ୨-ସାହିତ୍ୟକୁ ଆଶ୍ରୟ କରି ପ୍ରତିଷ୍ଠିତ ହେବାର ଆତ୍ମଶ୍ଳାଘା ଏବଂ ତୀବ୍ର ଆତ୍ମ ସଚେତନତା ଓ ଅଂହମାନ୍ୟତା ମିନିପତ୍ରିକା ସୃଷ୍ଟି କରିଛି । ୩-ପ୍ରତିବେଶୀ ବଙ୍ଗଳା ସାହିତ୍ୟର ପ୍ରଭାବରେ ଏହା ଏକ ଆନ୍ଦୋଳନ ଭାବରେ ଓଡ଼ିଶାରେ ଆରମ୍ଭ ହୋଇଛି । ୪-ମିନି ସାହିତ୍ୟର ସୃଷ୍ଟି ଅନ୍ତରାଳରେ ପାଶ୍ଚାତ୍ୟ ସାହିତ୍ୟାଦର୍ଶର ଭୂମିକା ରହିଛି । ସପ୍ତମ ଦଶକରେ ମିନିସାହିତ୍ୟକୁ ନେଇ ଲେଖକମାନଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଦେଖିବାକୁ ମିଳେ । ଫଳ ସ୍ୱରୂପ ୧୯୭୦-୭୧ ମସିହାରେ ଅନେକ ମିନିପତ୍ରିକାର ନବୋନ୍ମେଷ ଘଟିଥିଲା । ଏହି କାଳଖଣ୍ଡରେ ପ୍ରକାଶଲାଭ କରିଥିବା କେତୋଟି ମିନିପତ୍ରିକାର ତାଲିକ ପ୍ରସ୍ତୁତ କରାଯାଇ ପାରେ -

| ପତ୍ରିକାର ନାମ | ପ୍ରକାଶ କାଳ | ସଂପାଦକ | ସ୍ଥାନ |
|---|---|---|---|
| ଅଶ୍ରୁଲେଖା | ଜୁନ-୧୯୭୦ | ବୈଜୟନ୍ତୀ ଦାଶ | ଜୟପୁର |
| ଅସାହିତ୍ୟିକ | ଜୁନ-୧୯୭୧ | ପ୍ରଦୀପ୍ତ ମହାପାତ୍ର | ରାଉଲକେଲା |
| ଉତ୍ତେଜନା | ପ୍ରଥମାଷ୍ଟମୀ-୧୯୭୦ | ପ୍ରସନ୍ନ କୁମାର ମିଶ୍ର | ବଲାଙ୍ଗୀର |
| କୌଶଳିକା | ଜାନୁଆରୀ-୧୯୭୧ | ବସନ୍ତ କୁମାର ସେଠୀ | ପାଟଣାଗଡ଼ |
| ବିନ୍ଦୁ | ରଥଯାତ୍ରା-୧୯୭୧ | ବ୍ରଜସୁନ୍ଦର ମହାପାତ୍ର | ଖୋର୍ଦ୍ଧା |
| ରତ | ସେପ୍ଟେମ୍ବର -୧୯୭୦ | ବିଶ୍ୱ ଭାରତୀ ଓଡିଆ ସାହିତ୍ୟ ପରିଷଦ | ବିଶ୍ୱଭାରତୀ |
| ବାର୍ତ୍ତା | ୧୯୭୧ | ଭବେନ୍ଦ୍ରନାଥ ମହାପାତ୍ର | ବାଲେଶ୍ୱର |
| ଅକ୍ଷର ଓ ଅକ୍ଷର | ଜାନୁଆରୀ-୧୯୭୧ | ପ୍ରଫୁଲ୍ଲ କୁମାର ତ୍ରିପାଠୀ | ସମ୍ବଲପୁର |
| ଅନ୍ତଃସ୍ୱର | ୧୯୭୦ | ପୂର୍ଣ୍ଣନନ୍ଦ ଦାନୀ | ସମ୍ବଲପୁର |
| ମିନିବୁକ୍ | ଅକ୍ଟୋବର୍-୧୯୭୦ | ଶୁଭେନ୍ଦୁ ମୋହନ ଦାସ | ବାଲେଶ୍ୱର |
| ବନାନୀ | ୧୯୭୦ | ନିମାଇଁ ଚରଣ ପଟ୍ଟନାୟକ | ନୟାଗଡ |
| ଯୁଗଭେରୀ | ୧୯୭୧ | ରାୟ ଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକ | ବାଲେଶ୍ୱର |
| ଲହରୀ | ୧୯୭୧ | ଜଗତବନ୍ଧୁ ଅଚାର୍ଯ୍ୟ | ବାରିପଦା |

ଉପରୋକ୍ତ ତାଲିକାରେ ପତ୍ରିକା ଗୁଡିକର ପ୍ରକାଶ ସ୍ଥାନଗୁଡିକୁ ଅନୁଧ୍ୟାନ କରିଲେ ମିନିପତ୍ରିକାକୁ ନେଇ ସେହି ସମୟରେ ସୃଷ୍ଟିହୋଇଥିବା ଆନ୍ଦୋଳନ ସଂପର୍କରେ ସ୍ୱଷ୍ଟ ଧାରଣା ଆସେ । ଓଡ଼ିଶାର ପୂର୍ବ-ପଶ୍ଚିମ-ଉତ୍ତର-ଦକ୍ଷିଣ ପ୍ରତିଟି ଭାଗରେ ମିନିସାହିତ୍ୟର ଜନପ୍ରିୟତା ସଞ୍ଚରିତ ହୋଇଥିଲା ।

ଏହି ସମୟରେ ଓଡ଼ିଆ ଗଳ୍ପକାରିତାରେ ପଦାର୍ପଣ କରିଥିବା ନବୀନ ଯୁବକ ଲେଖକଙ୍କ ଉଦ୍ୟମରେ ମିନିଗଳ୍ପର ନବୋନ୍ମେଷ ଘଟିଥିଲା । ଏହି ତାଲିକାରେ ଥିବା ପ୍ରଫୁଲ୍ଲ କୁମାର ତ୍ରିପାଠୀ , ନିମାଇଁ ଚରଣ ପଟ୍ଟନାୟକ ,ରତ୍ନାକର ଚଇନି ପ୍ରମୁଖ ଲେଖକ ମିନିଗଳ୍ପ ରଚନା କରିଛନ୍ତି |

**'ମିନିଗଳ୍ପ' ଶବ୍ଦର ଅର୍ଥ ନିର୍ଣ୍ଣୟ:**

'ମିନି' ହେଉଛି ଏକ ଇଂରାଜୀ ଶବ୍ଦ । ଏହାର ମୂଳଶବ୍ଦ 'Minim' । ମିନିର ଓଡ଼ିଆ ପାରିଭାଷିକ ଶବ୍ଦ ଭାବରେ ଅଣୁ , ବିନ୍ଦୁ , କୁନି , ଇତ୍ୟାଦିକୁ ବିଚାର କରାଯାଇଥାଏ । ବୈଷ୍ଣବ ଚରଣ ସାମଲ ମିନିଗଳ୍ପକୁ ଅଣୁଗଳ୍ପ ନାମରେ ଆଲୋଚନା କରିଛନ୍ତି । ଅଣୁଗଳ୍ପ କହିବାର ଯଥାର୍ଥତାକୁ ପ୍ରତିପାଦନ କରି କୁହନ୍ତି- "ଅଣୁ ସୂକ୍ଷ୍ମାତିସୂକ୍ଷ୍ମ ହେଲେ ହେଁ ଉପେକ୍ଷଣୀୟ ନୁହେଁ । ଆୟତନ ଏହାର କ୍ଷୁଦ୍ର , ଶକ୍ତି ବହୁ ସମୟରେ ଅସାଧାରଣ । ଅଣୁ ଭିତରେ ହିଁ ମହାଶକ୍ତି ନିହିତ ଥାଏ । କ୍ଷୁଦ୍ର ହିଁ ବିରାଟର ସମ୍ଭାବନା ନେଇ ଆତ୍ମପ୍ରକାଶ କରେ । ଅଣୁ ଶକ୍ତିରହିତ ହେଲେ ବିସ୍ଫୋରଣ ସୃଷ୍ଟି କରିପାରେ ନାହିଁ । ଅଣୁ ପ୍ରତ୍ୟେକ ସୂକ୍ଷ୍ମତନ୍ତ୍ରୀକୁ ଉତ୍ତେଜିତ କରେ ଏବଂ ସାମଗ୍ରିକ ସତ୍ତାରେ କ୍ରିୟାଶୀଳ ହୋଇଉଠେ । ଅଣୁର ଶକ୍ତି ଏକ ନିର୍ଦ୍ଦିଷ୍ଟ କେନ୍ଦ୍ରବିନ୍ଦୁରୁ ସୃଷ୍ଟି ହୋଇ ତାର ପରିଧିର ପ୍ରତ୍ୟେକ ଅଂଶକୁ ସ୍ପର୍ଶ କରେ ଏବଂ ସେହି ସ୍ପର୍ଶ ମଧ୍ୟରେ ଯେଉଁ କମ୍ପନ ସୃଷ୍ଟିହୁଏ ତାହା ହିଁ ବ୍ୟକ୍ତିର ଭାବସତ୍ତାକୁ ଉତ୍ତେଜିତ କରେ । ଏହା ନହେଲେ ଅଣୁ ହୁଏ କ୍ରିୟାହୀନ । କେବଳ ତାର ସୂକ୍ଷ୍ମ ଆୟତନକୁ ନେଇ ପଡିରହେ । ବିରାଟ ସତ୍ତା ଭିତରେ ଲୀନ ହୋଇଯାଏ । ଏହି ଭାବରେ ଅନୁପ୍ରେରିତ ହୋଇ ସାଂପ୍ରତିକ ସାହିତ୍ୟରେ ଅଣୁଆନ୍ଦୋଳନ ସୃଷ୍ଟି ଦେଖା ଦେଇଛି । ସାଂପ୍ରତିକ ଯୁଗ ଅଣୁର ଯୁଗ ।ତେଣୁ ଅଣୁ ଭିତରେ ମହାଶକ୍ତିକୁ ଦେଖାଇବା ଏ ଯୁଗର ଧର୍ମ ।" (୨)

ମିନି ଶବ୍ଦର ଓଡିଆ ଅନୁବାଦ କଲେ କୁନୀ ବେଶୀ ଯଥାର୍ଥ ହେବ ବୋଲି ସୁରେନ୍ଦ୍ର ମହାନ୍ତି ତାଙ୍କର ଏକ ସ୍ତମ୍ଭରେ ମତ ପ୍ରକାଶ କରିଛନ୍ତି -" ମିନି ଅଣୁ ନୁହେଁ । ବରଂ 'ମିନି'ର ଅନୁବାଦ 'କୁନୀ' ଅଧିକ ଯଥାର୍ଥ । ଇଂରାଜୀ 'ମିନି' ଶବ୍ଦଟି ପୁଣି ଏପରି କେତେକ ବ୍ୟଞ୍ଜନା ଆହରଣ କରିଛି 'ଅଣୁ' ଶବ୍ଦ ମଧ୍ୟରେ ଯାହା ଯଥାର୍ଥ ଭାବରେ ପ୍ରକାଶିତ ହୋଇପାରିବା ସମ୍ଭବ ନୁହେଁ । 'ଅଣୁ ଶବ୍ଦଟି ମେଜାଜ୍‌ରେ ମାକ୍ସୀ (Maxi) । 'ମିନି'ର ରିଜେକ୍‌ସନ ବା ପ୍ରତ୍ୟାଖ୍ୟାନ 'ଅଣୁ' ଶବ୍ଦପରି ଗୋବିଚାରୀ ଶବ୍ଦରେ ମିଳେ ନାହିଁ । ମୋଟ କଥା, ମିନି ଅଣୁ ନୁହେଁ । ଅଣୁ ହେଉଛୁ 'ଏଷ୍ଟାବ୍ଲିସ୍ ମେଣ୍ଟ'ର ଶବ୍ଦ । ମିନି କିନ୍ତୁ ଆଣ୍ଟି - ଏଷ୍ଟାବ୍ଲିଶମେଣ୍ଟ । "

(୩) ମିନିସାହିତ୍ୟର ଉନ୍ମେଷ ପଛରେ କ୍ଷମତାବିରୋଧି ମାନସିକତା ବଡ କାରଣ ହୋଇଥିବାରୁ ଏବଂ ଅଣୁ ଶକ୍ତି କ୍ଷମାତାଶୀଳ ଲୋକଙ୍କ ପ୍ରତିନିଧିତ୍ୱ କରୁଥିବାରୁ ଅଣୁଗଳ୍ପ କହିବା ସମୀଚିନ ମନେ ହୁଏ ନାହିଁ । ତେଣୁ ମିନିଗଳ୍ପକୁ କୁନିଗଳ୍ପ କହିବା ବେଶୀ ଗ୍ରହଣୀୟ ମନେହୁଏ । ଓଡ଼ିଆ ସାହିତ୍ୟରେ କିନ୍ତୁ ମିନିଗଳ୍ପ ଶବ୍ଦଟି ବେଶ ପ୍ରଚଳିତ ।

**ମିନିଗଳ୍ପର ସଂଜ୍ଞା :**

ଜୀବନର ପୂର୍ଣ୍ଣାଙ୍ଗ ଭାବକୁ ପରିପ୍ରକାଶ କରିବା ପାଇଁ ସାହିତ୍ୟ 'ଏପିକ୍' ପରି ବିଶାଳ ଦୃଶ୍ୟସଜ୍ଜାକୁ ଆପଣାଉଥିଲା । ଚରିତ୍ରର ସାମଗ୍ରିକ ମାନବୀୟ ଆଦର୍ଶର ବ୍ୟାଖ୍ୟାନ ପାଇଁ ସୁଗଠିତ କାହାଣୀର ଆଶ୍ରୟ ଲୋଡୁଥିଲା । କିନ୍ତୁ ଜୀବନର ସମଗ୍ରତା ନ ହେଉ ପଛେ ଅନ୍ତତଃ ଜୀବନର କ୍ଷୁଦ୍ର ଭଗ୍ନାଂଶ ଭିତରେ 'ପୂର୍ଣ୍ଣତା'ର ଯଥାସଂଭବ ସଂକେତ ପ୍ରସ୍ତୁତିକରଣକୁ ଗୁରୁତ୍ୱାରୋପ କରି ମିନିଗଳ୍ପର ସୃଷ୍ଟି । ମିନିଗଳ୍ପ ଜୀବନର ଖଣ୍ଡିତାଂଶ ଭିତରେ 'ବୃହତ୍ତର'ର ସନ୍ଧାନ ଦିଏ । ଗଳ୍ପର ଆସ୍ୱାଦନ କେବଳ କାହାଣୀ ଶୁଣିବା ନୁହେଁ ବରଂ ଗଳ୍ପ ଛଳରେ ପାଠକର ମନରେ ଏକ ବୃହତ୍ତର କାବ୍ୟପ୍ରଭାବ (poetic impact) ସୃଷ୍ଟି କରିବା ହେଉଛି ମିନିଗଳ୍ପର ମୂଳ ଧ୍ୟେୟ । ଜଟିଳ ଜୀବନବୋଧ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରି ରୂପାୟନ କରିବା ଅସମ୍ଭବ ତେଣୁ ତାର ସଂକେତ ପ୍ରସ୍ତୁତ କରିବା ପାଇଁ କାବ୍ୟିକ ତଥା ଚିତ୍ରଧର୍ମୀ ଭାଷାବିନ୍ୟାସରେ ମିନିଗଳ୍ପ ଲେଖାଯାଇଥାଏ ।

କୌଣସି ଜିନିଷ କ୍ଷୁଦ୍ର ହେବା ମାତ୍ରେ ଯେ, ଅସମର୍ଥ ଏ କଥା ତ ଆଜିଲାଲି ବିଜ୍ଞାନ ଯୁଗରେ କହିହେବ ନାହିଁ। ତେବେ ଆପଣ ଆଟମ୍‌କୁ କିପର ବୁଝାଇବେ? ବସ୍ତୁର କ୍ଷୁଦ୍ରତମ କଣିକା- ତା ପାଇଁ ଆଜି ସାରା ଦୁନିଆଁ ବିଚଳିତ । ବିଂଶ ଶତାବ୍ଦୀ ହେଉଛି ଏପରି ଏକ ଯୁଗ, , ଯେଉଁଥିରେ ମଣିଷର ପ୍ରଜ୍ଞା ମହାକାଶର ଅସୀମତାକୁ  ସସୀମ କରିବାରେ ଯେପରି ତେଜସ୍ୱୀ ପରମାଣୁର କ୍ଷୁଦ୍ରତାକୁ ଜ୍ଞାନ ପରସରକୁ ଆଣିବାକୁ ସେହପରି ପାରଙ୍ଗମ । ମାଇକ୍ରୋକଜମ୍ ଓ ମାକ୍ରୋକଜମର ଏ ଯେଉଁ ଅନୁସନ୍ଧାନ ଚାଲିଛି ଏହା ପରସ୍ପର ବିରୋଧି ନ ହୋଇ ପରସ୍ପର-ପରିପୂରକ ହେବାରେ ହିଁ ମାନବ ସଭ୍ୟତାରର ଚରମ ଲକ୍ଷ୍ୟ ନିହିତ । (୪) ମିନିଗଳ୍ପର କ୍ଷୁଦ୍ରତା ଲେଖକର ଅସାମର୍ଥ୍ୟ କିମ୍ବା କଳାତ୍ମକବିହୀନ ଅପାରଗତା ନୁହଁ । ଏହା ଏକ ସ୍ୱତନ୍ତ୍ର ଶିଳ୍ପଧର୍ମ । ଖଣ୍ଡିତ ହୋଇ ବି ଏହା ପୂର୍ଣ୍ଣ । କ୍ଷୁଦ୍ର ହୋଇବି ଏହା ବିଶାଳ । ବିନ୍ଦୁ ହୋଇବି ଏଥିରେ ସିନ୍ଧୁର ପ୍ରତିଫଳନ ଘଟେ । ଆକାର ହ୍ରସ୍ୱତା ଏହାର ଶକ୍ତି । ଜୀବନରେ ଅନେକ ଉପଲବ୍ଧି, ଅନେକ ସତ୍ୟବୋଧ, ଅନେକ ଅଭୀପ୍ସା, ଅନେକ ଅନୁଭୂତି  ବିଦ୍ୟୁତ୍ ଚମକ ପରି କ୍ଷଣଦୀପ୍ତ ହୋଇ ଆସେ । କ୍ଷଣଦୀପ୍ତ ଭାବରାଜିର ଔଜଲ୍ୟତାକୁ ମିନିଗଳ୍ପ ସଫଳ ଭାବରେ ରୂପାୟିତ କରେ ଓ ପାଠକର ପ୍ରଜ୍ଞାବୋଧକୁ ଉପାଦାନ ଯୋଗାଏ ।

**ମିନିଗଳ୍ପର ସ୍ୱରୂପ :**

- ମିନିଗଳ୍ପ ଆୟତନ ଦୃଷ୍ଟିରୁ ଛୋଟ । ଏହାର ଆକାର ଏତେ କ୍ଷୁଦ୍ର ଯେ  ଷାଠିଏରୁ ନବେ ସେକେଣ୍ଡ ଭିତରେ ଗୋଟେ ମିନିଗଳ୍ପକୁ ଆରାମରେ ପଢାଯାଇ ପାରେ ।
- ଆକାର ହ୍ରସ୍ୱ ହୋଇଥିବା ଦୃଷ୍ଟିରୁ ମିନିଗଳ୍ପରେ ତୀବ୍ର ଇଙ୍ଗିତଧର୍ମ ରହିଥାଏ । "ମିନିଗଳ୍ପର ଆବେଦନ ଏହାର ଆକାର ହ୍ରସ୍ୱତା ଯୋଗୁଁ ନୁହେଁ, ତାର କାରଣ ଗାଳ୍ପିକର ଆତ୍ମାନୁଶୀଳନ ଓ ବସ୍ତୁଭିତ୍ତିକ ଭାବ ଏଥିରେ ଆଭାସଚିତ୍ର ଭାବେ ଅଙ୍କିତ । ଏହି ମିନିଗଳ୍ପର ଭାବ ହୃଦୟବୃତ୍ତିରୁ ପ୍ରସାରିତ ହୋଇ ମାନସିକ ସ୍ତରକୁ ଉଜ୍ଜୀବିତ କରେ ବୋଲି ଏହାର ବୌଦ୍ଧିକ ଆବେଦନ ଏତେ ତୀବ୍ର ।"(୫)
- ମିନିଗଳ୍ପର କଳେବର କ୍ଷୀଣ ହେଲେ ବି ଏଥିରେ ଘଟଣା ଓ ଚରିତ୍ର ରହେ କିନ୍ତୁ ଉଭୟର ସ୍ଥିତି ବାମନର ପାଦ ପରି ପାଠକସତ୍ତାର ସ୍ୱର୍ଗ-ମର୍ତ୍ତ୍ୟ-ପାତାଳକୁ ଆଚ୍ଛନ୍ନ କରି ରଖିବାରେ ସମର୍ଥ ।
- ଅମୂର୍ତ୍ତ (Abstract) ଭାବନା ଦ୍ୱାରା ମିନିଗଳ୍ପର ଭାବପକ୍ଷ ସମୃଦ୍ଧ ହେଉଥିବାରୁ ଏହାର ପ୍ରକାଶଭଙ୍ଗୀରେ କବିତା ସୁଲଭ ଭାଷାର ପ୍ରୟୋଗ ଘଟିଥାଏ । ଅନେକ ସମୟରେ କବିତା ଓ ମିନିଗଳ୍ପ ମଧ୍ୟରେ ସୀମାରେଖା ଟାଣିବା କଷ୍ଟକର ହୋଇପଡେ।
- ମିନିଗଳ୍ପ ଦର୍ପଣଟିଏ ପରି ପାଠକକୁ ସମାଜର ପ୍ରତିଫଳନ କେବଳ ଦେଖାଏ ନାହିଁ ବରଂ ମାର୍ମିକ ବ୍ୟଙ୍ଗ ଓ ବିଦ୍ରୁପକୁ ଆୟୁଧ କରି ପାଠକର ମସ୍ତିଷ୍କକୁ ଚହଲାଇ ଦିଏ । ମିନିଗଳ୍ପର ଆତ୍ମିକ ଗତାନୁଗତିକତା ପ୍ରତି ରହିଥିବା ବିଦ୍ରୋହ ଭାବରେ ପରିପୁଷ୍ଟ ଲାଭ କରିଥାଏ ।
- ମିନିଗଳ୍ପର ଭାଷା ସଂଯତ , ଶୃଙ୍ଖଳିତ,ସଂକ୍ଷିପ୍ତ ଓ ସୁନିୟୋଜିତ ହୋଇଥାଏ । ଏଥିରେ ଶବ୍ଦ ବାହୁଲ୍ୟଠୁ ବଞ୍ଚିବାକୁ ଯାଇ ଲେଖକମାନେ କମା , ହାଇଫେନ୍ , ସେମିକୋଲନ୍ , ପ୍ରଶ୍ନବାଚୀ , ବିସ୍ମୟବାଚୀ , ଉଦ୍ଧୃତି , ବନ୍ଧନୀ ଆଦି ବିରାମ ଚିହ୍ନର ସଫଳ ରୂପାୟନକୁ ଗୁରୁତ୍ୱ ଦେଇଥାନ୍ତି ।
- ପାବଲୋ ପିକାଶୋଙ୍କ ଘନବାଦୀ (Cubism) ଚିତ୍ରକଳାଠୁ ପ୍ରେରଣା ପାଇଥିବା ମିନିଗଳ୍ପରେ  ଲେଖକର ଭାବନା ଚିତ୍ରାୟିତ ନ ହୋଇ ରେଖାୟିତ ହୋଇଥାଏ ।
- ଘଟଣାର ଆକସ୍ମିକ ପ୍ରାରମ୍ଭ ଓ ଆକସ୍ମିକ  ପରିସମାପ୍ତି  ଉପରେ ମିନିଗଳ୍ପ  ବିଶେଷ ଗୁରୁତ୍ୱ  ଦେଇଥାଏ।
- ଏହି ଗଳ୍ପଗୁଡ଼ିକ ମୁଖ୍ୟତଃ ଆତ୍ମାନୁଶୀଳନ ଉପରେ ପର୍ଯ୍ୟବସିତ । ଆତ୍ମସମୀକ୍ଷା ଓ ଆତ୍ମବିଶ୍ଳେଷଣ ଉପରେ ଏହାର ଉପସ୍ଥିତି ଯୋଗୁଁ କେତେକାଂଶରେ ଆତ୍ମକୈନ୍ଦ୍ରିକ ହୋଇପଡେ । ତଥାପି ଏଥି ମଧ୍ୟରେ ଗାଳ୍ପିକର ଏକ ଅନ୍ୱେଷା ପ୍ରବୃତ୍ତି ସବୁବେଳେ କାର୍ଯ୍ୟ କରିଥାଏ । ଅର୍ଥାତ୍

ମିନିଗଳ୍ପର ପ୍ରତ୍ୟୋକ ଗାଳ୍ପିକ ଅନ୍ୱେଷୀ । ସେ ଅନ୍ୱେଷଣ କରେ ପୃଥିବୀ ପୃଷ୍ଠରେ ସମାଜ ପରିବେଷ୍ଟିତ ନିଜକୁ - ନିଜ ମଧ୍ୟରେ ବହିର୍ଜଗତକୁ । (୬)

**ଓଡ଼ିଆ ମିନିଗଳ୍ପ ପରମ୍ପରା :**

ପୂର୍ବରୁ ସୂଚନା ଦିଆଯାଇଛି ଯେ ଓଡିଶାରେ ମିନିପତ୍ରିକା ସମ୍ପାଦନା ଏକ ଆନ୍ଦୋଳନ ଭାବରେ ୧୯୭୦-୭୧ ମସିହା ବେଳକୁ ଗଢିଉଠିଥିଲା । ମିନିପତ୍ରିକାର ସଂପାଦନା ସହ ମିନିସାହିତ୍ୟର ମଧ୍ୟ ନବୋନ୍ମେଷ ଘଟୋଥିଲା । କିନ୍ତୁ ନିର୍ଦ୍ଦିଷ୍ଟ ଭାବରେ କାହାକୁ ପ୍ରଥମ ମିନିଗଳ୍ପର ରଚୟିତା କହିବା ତାହା ଏଯାବତ୍ ଗବେଷଣର ବିଷୟ । ତେବେ ସତୁରୀ ଦଶକରେ ଓଡ଼ିଆ ଗଳ୍ପଧାରାକୁ ପ୍ରବେଶ କରିଥିବା ଯୁବଲେଖକଗୋଷ୍ଠୀ ମିନିଗଳ୍ପ ରଚନା କରି ପରିଚୟ ପାଇଥିଲେ । ବ୍ରହ୍ମାନନ୍ଦ ପଣ୍ଡା , କୃଷ୍ଣପ୍ରସାଦ ମିଶ୍ର , ରବି ପଟ୍ଟନାୟକ ,ବୀଣାପାଣି ମହାନ୍ତି, ରତ୍ନାକର ଚଇନି, ପୂର୍ଣ୍ଣାନନ୍ଦ ଦାନୀ, ପ୍ରସନ୍ନ ପାଟ୍ଟଶାଣୀ, ହରିହର ମିଶ୍ର, ଫନୀ ମହାନ୍ତି, ପ୍ରଫୁଲ୍ଲକୁମାର ତ୍ରିପାଠୀ, କହ୍ନେଇଲାଲ ଦାସ, ଜଗଦୀଶ ମହାନ୍ତି, ଅଶୋକ ଚନ୍ଦନ, ସତ୍ୟମିଶ୍ର, ମନୋଜ ପଣ୍ଡା, ରବି ସ୍ୱାଇଁ, ଅଦ୍ୱେତ ପ୍ରସାଦ ମହାନ୍ତି, ଅଧ୍ୟାପକ ବିଶ୍ୱରଞ୍ଜନ, ହୁସେନ ରବିଗାନ୍ଧୀ ,ସୁନୀଲ ଘୋଷ, କଇଳାଶ ପଟ୍ଟନାୟକ, ପ୍ରକାଶ ପରିଡ଼ା ପ୍ରମୁଖ ଗାଳ୍ପିକ ମିନିଗଳ୍ପ ରଚନା କରିଛନ୍ତି। କିନ୍ତୁ , ପ୍ରତିଷ୍ଠିତ ତଥା ସମର୍ଥ ଗାଳ୍ପିକ ମିନିଗଳ୍ପ ରଚନା କରିଥିଲେ ମଧ୍ୟ ସ୍ୱତନ୍ତ୍ର ଭାବେ ମିନିଗଳ୍ପ ସଂକଳନ ପ୍ରକାଶ କରି ନାହାନ୍ତି । ପ୍ରାୟତଃ ଗାଳ୍ପିକମାନେ ତାଙ୍କର ବିଭିନ୍ନ ଗଳ୍ପ ସଂକଳନ ମାନଙ୍କରେ ମିନିଗଳ୍ପ ଗୁଡିକୁ ଏକତ୍ରିତ କରି ପ୍ରକାଶ କରିଛନ୍ତି । ପ୍ରସନ୍ନ କୁମାର ପାଟ୍ଟଶାଣୀଙ୍କ 'ନିଆଁର ବିନ୍ଦୁ ଓ ରକ୍ତ ବୃତ୍ତର ପରିଧି', ପ୍ରକାଶ ପରିଡ଼ାଙ୍କ ଶୂନ୍ୟ ସଂହିତା , କଇଳାଶ ପଟ୍ଟନାୟକଙ୍କ ସତ ଏକ ଶତ, ସୁନୀଲ ଘୋଷଙ୍କ ଅଳ୍ପ ଅଳ୍ପ ଗଳ୍ପ ଇତ୍ୟାଦି ହାତ ଗଣତି ମିନିଗଳ୍ପ ସଂକଳନ ପ୍ରକାଶ ପାଇଛି । ଏ ସଂପର୍କରେ ଆଲୋଚକ ପ୍ରକାଶ ପରିଡା କୁହନ୍ତି - "ପତ୍ରପତ୍ରିକାମାନେ ମଧ୍ୟ ମିନିକୁ ନିରୁତ୍ସାହିତ କରୁଥିବା ଦେଖାଗଲା । ଶତାଧିକ ମିନିଗପ ନହେଲେ ବହିଟିଏ ଆଖିକୁ ଦିଶିବାପରି ହୁଅନ୍ତା ନାଇଁ । ଏଣୁ ସବୁ ମିନିଗଳ୍ପ ଲେଖକଙ୍କ ମିନିଗପ ବହି ହେବା - ହୁଏତ ଆଦୌ ହୋଇନାହିଁ କିମ୍ବା ବିଳମ୍ବରେ ଏକାଧିକ କ୍ଷୁଦ୍ରଗଳ୍ପ ଗ୍ରନ୍ଥ ପ୍ରକାଶ ହୋଇସାରିବାପରେ ଘଟିଛି; ବେଳେବେଳେ (କୃଷ୍ଣପ୍ରସାଦ ମିଶ୍ର ଓ ରତ୍ନାକର ଚଇନି) କ୍ଷୁଦ୍ରଗଳ୍ପ ଗ୍ରନ୍ଥର ସୂଚୀରେ କେତୋଟି ମିନିଗପ ସ୍ଥାନୀତ ହୋଇଛନ୍ତି । ଅଧିକ ଭାଗ ଗାଳ୍ପିକ ସେମାନଙ୍କ ମିନିଗପ ଗୁଡ଼ିକୁ ସେଇ ପତ୍ରିକା ପୃଷ୍ଠା କି ପାଣ୍ଡୁଲିପି ହିଁ ରଖିଦେଇଛନ୍ତି ।"(୭)

ମିନିଗଳ୍ପ ରଚନା କ୍ଷେତ୍ରରେ ଗାଳ୍ପିକ କୃଷ୍ଣପ୍ରସାଦ ମିଶ୍ର ଜଣେ ସଫଳ ସ୍ରଷ୍ଟା । ତାଙ୍କ ଦ୍ୱାରା ରଚିତ କେତୋଟି ଛୋଟଗଳ୍ପ ହେଲା 'ପାହାଚ', 'ଅସତୀ', 'ଚାଷୀର କ୍ରୋଧ', 'ଯୋଗର କେତୋଟି ବିଭୂତି', 'ଅଶ୍ୱାରୋହୀ', 'ତୈମୁର', 'ବାତ୍ୟା', 'ମଳେଇ', 'ବିମାନ ଯାତ୍ରାର ବିପଦ' ପ୍ରଭୃତି । ଦର୍ଶନ ଶାସ୍ତ୍ର ସହ ପରିଚିତ ଥିବାରୁ ଅଳ୍ପଗଳ୍ପ ପରିଧିରେ ଜୀବନର ଗହନ କଥା କହିଦେବାର ସାମର୍ଥ୍ୟ କୃଷ୍ଣ ପ୍ରସାଦ ମିଶ୍ରଙ୍କର ଥିଲା । ତାଙ୍କର ଏକ ସାର୍ଥକ ମିନିଗଳ୍ପ 'ପାହାଚ'କୁ ଏଠାରେ ଉଦ୍ଧାର କରାଯାଉ -

**"ପାହାଚ**

'ସେମାନଙ୍କ ପାଦ ତଳେ ମାର୍ବଲ୍ ପାହାଚ, କେବେ ସୁନାର, କେବେ ରୁପାର, କେବେ ଲୁହା, କେବେ ପଥରର ପାହାଚ ରହି ଆସିଛି । ସେମାନେ ପାହାଚ ପାହାଚ ହୋଇ ଉପରକୁ ଚଢ଼ିଛନ୍ତି । ଏବେ ସୁନା, ରୂପା, ଲୁହା, ପଥର ନୁହେଁ, ମାର୍ବଲ ପଥର ତ ନୁହେଁ । ଏବେ ସାଧାରଣ ଲୋକେ ସେମାନଙ୍କ ପାଦ ତଳେ ପାହାଚ, ଶିଖରକୁ ଯିବା ପାଇଁ ହରିଜନ, ଆଦିବାସୀ, ଚାଷୀ, ମୂଲିଆ, ଶ୍ରମିକ, ଗରିବ, ମଧ୍ୟବିତ୍ତ, ଜାତିଜାତିକା କେତେ ଆବୁଡ଼ା ଖାବୁଡ଼ା ପାହାଚ । କିନ୍ତୁ ମନେ ରଖିବା କଥା ପାହାଚ ବାଟେ ଉପରକୁ ଚଢ଼ା ଯାଏ, ଆଉ ତଳକୁ ଓହ୍ଲାଯାଏ ମଧ୍ୟ ।" (୮)

ପାହାଚ ହେଉଛି କୃଷ୍ଣପ୍ରସାଦ ମିଶ୍ରଙ୍କ ମିନିଗଳ୍ପ ମଧ୍ୟରେ ସବୁଠି ଛୋଟ ଗଳ୍ପ । ମାତ୍ର ପଞ୍ଚଷଠିଟି ଶବ୍ଦରେ ସେ ସମାଜର ଏକ ବଡ ସମସ୍ୟାକୁ ଇଙ୍ଗିତ କରିପାରିଛନ୍ତି । ସ୍ୱାର୍ଥପର କ୍ଷମତାଶଳୀ ବ୍ୟକ୍ତିମାନେ ଚିରକାଳ ଉପରକୁ ଚଢିବାରେ ବ୍ୟସ୍ତ ଥାନ୍ତି । ସେମାନେ ଚଢୁଥିବା ପାହାଚ ପଥରର , ସୁନାର , ରୂପାର ଲୁହାର କି ସାଧାରଣ ମଣିଷର ଛାତିର ତା ପ୍ରତି ଦୃଷ୍ଟି ବି ଦିଅନ୍ତି ନାହିଁ । ଏହି ମିନିଗଳ୍ପରେ ଏଷ୍ଟାବ୍ଲିଷମେଣ୍ଟ ପ୍ରତି ଏକ କଠୋର କଟାକ୍ଷ ରହିଛି । ରହିଛି ପୁଣି ଏକ ଚରମ ସତର୍କବାଣୀ -"କିନ୍ତୁ ମନେ ରଖିବା କଥା ପାହାଚ ବାଟେ ଉପରକୁ ଚଢ଼ା ଯାଏ, ଆଉ ତଳକୁ ଓହ୍ଲାଯାଏ ମଧ୍ୟ ।"

ଅଧ୍ୟାପକ ବିଶ୍ୱରଞ୍ଜନଙ୍କର ଅନେକ ମିନିଗଳ୍ପ ଲେଖିଛନ୍ତି । ତାଙ୍କର ପ୍ରଥମ ଗଳ୍ପ ସଂକଳନ 'କାଚ କଣ୍ଢେଇ'(୧୯୭୪)ରେ ସଂକଳିତ 'ସମ୍ପର୍କ' , 'ମିନି ଗପଟିଏ' , 'ଟିକି ପାଇଁ' , 'ଆରଣ୍ୟକ' ,'ଉଡ଼ିଗଲା ଚଢେଇର ଗୀତ' , 'ଋତୁ ପରିକ୍ରମା' , 'ସୂର୍ଯ୍ୟର କଳଙ୍କ' , 'ମୁଁ ,ମୀତା , ଯୀଶୁ ଓ ଜଗନ୍ନାଥ' ପ୍ରଭୃତି ମିନିଗଳ୍ପ ତାଙ୍କ ପ୍ରତିଭାର ପରିଚୟ ଦିଏ । ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ମିନିଗଳ୍ପଗୁଡିକ ଭାବବାଦୀ । ଜୀବନନିଷ୍ଠ ମିନିଗଳ୍ପ ଗୁଡିକରେ ପ୍ରେମ,ପ୍ରଣୟ,ବିରହ ଜନିତ ବେଦନାବୋଧକୁ ଗଳ୍ପ ସାଂକେତିକ ଭାବରେ ରୂପାୟନ କରିଛନ୍ତି । ଋତୁ ପରିକ୍ରମା ଗଳ୍ପଟିକୁ ନିଆଯାଉ -

**ଋତୁ ପରିକ୍ରମା**

ବସନ୍ତ ମୋ ଦେହରେ ହୋରିର ରଙ୍ଗ ଦେଲା।

ଗ୍ରୀଷ୍ମ ସେ ରଙ୍ଗକୁ ଆହୁରି ଉଜ୍ଜ୍ୱଳ କରି ମୋ ମନରେ ପ୍ରୀତି ଓ ପ୍ରତ୍ୟୟ ସୃଷ୍ଟି

ବର୍ଷା କିନ୍ତୁ ସବୁ ରଙ୍ଗକୁ ଧୋଇ ଦେଇ ଦେହ ଓ ମନକୁ ମୋର ବିବର୍ଣ୍ଣକରି ଦେଲା ।

ଏବେ ଖାଲି ଶୀତ। ଓଃ, ପ୍ରବଳ ଶୀତ, ବସନ୍ତରେ ଯେଉଁମାନେ ମୋତେ ଘର ଭିତରକୁ ବାହାରକୁ ଆଣି ମୋ ଦେହରେ ରଙ୍ଗ ଦେଇଥିଲେ ଶୀତର ସଙ୍କେତ ପାଇ ଭିତରକୁ ଯାଇ ସେମାନେ କବାଟ ବନ୍ଦ କରି ଦେଲେଣି, ମୁଁ ଏଥର ଏକୁଟିଆ ହୋଇ ବାହାରେ ବସିଛି। ଅସହ୍ୟ ଦୁଃଖ, ଯନ୍ତ୍ରଣା ଓ ଏଇ ଅନୁଶୋଚନାର ପ୍ରବଳ ଶୀତ ପବନ ମୋର ଫୁଙ୍ଗୁଳା ଦେହ ମନକୁ ଥରାଇ ଦେଉଛି। "(୯)

ଗଳ୍ପର ଏହି ଛୋଟ ପରିଧି ଭିତରେ ପ୍ରେମ-ସ୍ୱପ୍ନ ଓ ସ୍ୱପ୍ନଭଙ୍ଗର ତ୍ରିଭୁଜକୁ ଗାଳ୍ପିକ ସଫଳ ଭାବରେ ଅଙ୍କନ କରିପାରିଛନ୍ତି । ପ୍ରାପ୍ତିର ଆନନ୍ଦଠୁ ଆରମ୍ଭ କରି ଅପ୍ରାପ୍ତିର ଅବସାଦର କୁଆଁରୀ ଅନୁଭବକୁ ଗାଳ୍ପିକ ଇଙ୍ଗିତଧର୍ମରେ ପରିପ୍ରକାଶ ପରିଛନ୍ତି ।

ଓଡ଼ିଆ ଗଳ୍ପର ପ୍ରୟୋଗ କାଳରେ ମିନିଗଳ୍ପର ସୃଷ୍ଟିଲାଭ କରି ଲୋକପ୍ରିୟ ହୋଇ ପାରିଥିଲା । ଆୟତନରେ ଏହା କ୍ଷୁଦ୍ରାଦପି କ୍ଷୁଦ୍ର କିନ୍ତୁ ଭାବ ସାନ୍ଦ୍ରତାରେ ଘନରୁ ଆହୁରି ଘନ- ଘନତମ କରି କନ୍ହେଇଲାଲ ଦାସ , ସତ୍ୟ ମିଶ୍ର , ଅଶୋକ ଚନ୍ଦନ , ରବି ପଟ୍ଟନାୟକଙ୍କ ପରି ଗାଳ୍ପିକ ଗଳ୍ପ ରଚନା କରିଛନ୍ତି । ପାଠକର ବୌଦ୍ଧିକ ମାନସକୁ ଏହା ସନ୍ତୁଷ୍ଟ କରିଛି । କିନ୍ତୁ ପରୀକ୍ଷା ନିରୀକ୍ଷା ନାମରେ ମିନିଗଳ୍ପ ଦୁର୍ବୋଧ ଭାବଧାରା ଓ ଆଙ୍ଗିକ ରୀତିରେ ପ୍ରକାଶିତ ହେବ , ଏହା ଗ୍ରହଣୀୟ ନୁହେଁ । ଓଡ଼ିଆ ମିନିଗଳ୍ପ ଅଷ୍ଟମ-ନବମ ଦଶକ ବେଳକୁ କ୍ରମଶଃ ଦୁର୍ବୋଧତା ଆଡକୁ ଗତି କରିବାରୁ ପାଠକୀୟ ରୁଚି ହ୍ରାସ ପାଇଥିଲା । ଆଜି ମିନିଗଳ୍ପ ପୁନଶ୍ଚୟ ତାର ମର୍ଯ୍ୟାଦା ଫେରି ପାଉଛି । 'କଥା' ପରି ପତ୍ର-ପତ୍ରିକାରେ ସମ୍ପାଦକମାନେ ନିୟମିତ ଭାବରେ ମିନିଗଳ୍ପ ପ୍ରକାଶ କରୁଛନ୍ତି । ଏହା ମିନିଗଳ୍ପ ପାଇଁ ଶୁଭ ସଂକେତ ନିଶ୍ଚିତ ।

**ପାଦଟୀକା:**

୧-ମହାନ୍ତି,ସୁରେନ୍ଦ୍ର, ସାହିତ୍ୟ ଓ ସମାଜ, ଲାର୍କ ବୁକ୍ସ, ୧୯୭୯, ପୃଷ୍ଠା ୧୩

୨- ସାମଲ, ବୈଷ୍ଣବ ଚରଣ, ଓଡ଼ିଆ କ୍ଷୁଦ୍ରଗଳ୍ପର ଗତି ଓ ପ୍ରକୃତି,ସାଥି ମହଲ, ଦ୍ୱିତୀୟ ସଂସ୍କରଣ, ୧୯୯୧,ପୃଷ୍ଠା -୬୪

୩- ମହାନ୍ତି,ସୁରେନ୍ଦ୍ର, ସାହିତ୍ୟ ଓ ସମାଜ, ଲାର୍କ ବୁକ୍ସ, ୧୯୭୯, ପୃଷ୍ଠା ୮୨

୪- ପଟ୍ଟନାୟକ ରବି, ଅସାମାଜିକର ଡାଏରୀ,ଅଗ୍ରଦୂତ, ନୂତନ ସଂସ୍କରଣ-୧୯୯୧,ସଂକେତ

୫- ପଟ୍ଟନାୟକ, ବିଭୂତି, ସାହିତ୍ୟର ସୂଚିପତ୍ର, ନାଲନ୍ଦା, ୧୯୭୬,ପୃଷ୍ଠା ୭୮

୬- ମହାନ୍ତି, ମନୀନ୍ଦ୍ର,ସାଂପ୍ରତିକ ସାହିତ୍ୟ ସମୀକ୍ଷା, ପୃଷ୍ଠା ୮

୭-ପରିଡା,ପ୍ରକାଶ କୁମାର, ଝଙ୍କାର -୭୩ତମ ବର୍ଷ , ସଂଖ୍ୟା-୯ , ପୃଷ୍ଠା ୮୯୩

୮- କୃଷ୍ଣପ୍ରସାଦ ଗ୍ରନ୍ଥାବଳୀ, କଟକ ଷ୍ଟୁଡେଣ୍ଟ ଷ୍ଟୋର, ୨୦୦୭, ପୃ-୪୧୧

୯-ଅଧ୍ୟାପକ ବିଶ୍ୱରଞ୍ଜନ, କଥା ବିଶ୍ୱ , ପ୍ରଥମ ଭାଗ , ପକ୍ଷୀଘର, ୨୦୧୯,ପୃଷ୍ଠା ୧୦୧

**Publisher's Note:** *The views and opinions expressed in this article are solely those of the author(s) and do not necessarily reflect those of the publisher, editors, or the editorial board.*